ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.63, Bhubaneswar Wednesday, April 22,2020 | ୨୩ମେ ବର୍ଷ ସଂଖ୍ୟା- ୬୩ ଭୁବନେଶ୍ୱର, ବୁଧବାର ଅପ୍ରେଲ ୨୨,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ରାଜ୍ୟରେ ଆଉ ୫ ଜଣ କରୋନା ପଜିଟିଭ୍

### ସମସ୍ତେ ବାଲେଶ୍ୱରର, ଆକ୍ରାନ୍ତଙ୍କ ସଂଖ୍ୟା ୭୯ କୁ ବୃଦ୍ଧି

**ଭୁବନେଶ୍ୱର, (ପିଏନ)**-ରାଜ୍ୟରେ ଆଉ ପାଂଚ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ଦ୍ୱାରା ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୭୯ରେ ପହଂଚିଛି । ଆଜି ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତ ରୋଗୀ ବାଲେଶ୍ୱରର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହା ଯାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ୨୧ ତାରିଖ ସୁଦ୍ଧା ମୋଟ ୧୧୭୪୮ ନମୁନା ପରୀକ୍ଷା କରା ଯାଇଛି । ଏହା ସହିତ ୪୮୬୧ ରାପିଡ ଆଂଟିବଡି ଟେଷ୍ଟ କରା ଯାଇଛି । ଏଥିରେ ମୋଟ ୭୯ ଜଣ ସଂକ୍ରମିତ ଥିବା ଜଣା ପଡିଛନ୍ତି । ଉଲ୍ଲେଖନୀୟ ଯେ ସୋମବାର ଦିନ ରାଜ୍ୟରେ ମୋଟ ୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଥିଲା । ଓଡିଶାରେ କରୋନା ଯୋଗୁଁ ପୁଣି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ପଶ୍ଚିମ ବଙ୍ଗର ତଥା ରାଜ୍ୟର ୪୪ ନମ୍ବର କରୋନା ପଜିଟିଭ୍ । ମଙ୍ଗଳବାର ସକାଳେ ସେପ୍ଟିକ୍ ଶକ୍ , ହାଇପୋପିଟୁଇଟାରିଜିମ୍ ଏବଂ ମଲ୍ଟି ଅର୍ଗାନ୍ ଫେଲ୍ୟୁଅର ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି ।ତେବେ କରୋନାଯୋଗୁଁ ନୁହେଁ ବରଂ କ୍ୟାନ୍ସର ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ ମୃତ ବ୍ୟକ୍ତି ଜଣକ ପଶ୍ଚିମବଙ୍ଗର ବାସିନ୍ଦା ଥିଲେ । ପୂର୍ବରୁ ପିଟୁଇଟାରୀ ଟ୍ୟୁମର ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଇଥିଲେ । ନିକଟରେ ସେ ଉକ୍ତ ଡାକ୍ତରଖାନାରେ ପୁଣି ଥରେ ଚିକିତ୍ସା ପାଇଁ ଆସିଥିଲେ, ଯେଉଁଠାରେ ତାଙ୍କୁ କୋଭିଡ ପଜିଟିଭ ବୋଲି ଚିହ୍ନଟ କରାଯାଇଥିଲା । ତେବେ ଚିକିତ୍ସା ପରେ ୨ ଥର ଯାଂଚ ରିପୋର୍ଟରେ ତାଙ୍କର କରୋନା ନେଗେଟିଭ୍ ଆସିଥିଲା । ସେ କରୋନାରୁ ସୁସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହେତୁ ଡିସଚାର୍ଜ ହୋଇପାରିନଥିଲେ ।

ସେପ୍ଟିକ୍ ଶକ୍ ଏବଂ ମଲ୍ଟି ଅଙ୍ଗ ବିଫଳତା ସହିତ ହାଇପୋପିଟୁରିଜିମ୍ କାରଣରୁ ଆଜି ସକାଳେ ତାଙ୍କର ଦେହାନ୍ତ ହୋଇଛି ।ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ୬ ତାରିଖରେ ଝାରପଡାର ଜଣେ ୭୨ ବର୍ଷର ପୁରୁଷଙ୍କ ର ମୃତ୍ୟୁ ଘଟିଥିଲା । ଶ୍ୱାସକ୍ରିୟାରେ ଅସୁବିଧା ଅଭିଯୋଗରେ ୪ ଏପ୍ରିଲରେ ଭୁବନେଶ୍ୱର ଏମସ୍ ରେ ଭର୍ତି କରାଯାଇଥିଲା । ତାଙ୍କର କ୍ରନିକ୍ ଉଚ୍ଚ ରକ୍ତଚାପ ରହିଥିଲା । ପରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।




### ନୂଆ କରୋନା ସଂକ୍ରମିତଙ୍କ ସମ୍ପର୍କରେ ତଥ୍ୟ ଦେଲେ ସରକାର

**ଭୁବନେଶ୍ୱର, (ପିଏନ)**- ଆଜି ବାଲେଶ୍ୱରରେ ନୂଆ ପାଂଚ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟ ସରକାର ସେମାନଙ୍କ ବିଷୟରେ ତଥ୍ୟ ପ୍ରଦାନ କରିଛନ୍ତି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ନୂଆ ସଂକ୍ରମିତ ପାଂଚ ଜଣ ପୁରୁଣା ରୋଗୀଙ୍କ ସମ୍ପର୍କୀୟ । ଏମାନେ ହେଲେ ୩୪ ବର୍ଷୀୟା (ମହିଳା), ୩୮ ବର୍ଷ ( ପୁରୁଷ), ୧୨ ବର୍ଷୀୟ (ପୁରୁଷ), ୩୪ ବର୍ଷୀୟା (ମହିଳା) ଓ ୨୬ ବର୍ଷୀୟ (ପୁରୁଷ) ।

## କରୋନା ଚିକିତ୍ସା ବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁଘଟିଲେ ମିଳିବ ଶହୀଦ ମାନ୍ୟତା, ୫୦ ଲକ୍ଷ ଟଙ୍କା :ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)**- କରୋନା ଚିକିତ୍ସା କାମରେ ଲାଗିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ ଘୋଷଣା କରିଛନ୍ତି । କରୋନା ଚିକିତ୍ସା ବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ମିଳିବ । ସେମାନଙ୍କୁ ଶହୀଦର ମାନ୍ୟତା ଦିଆ ଯିବ । ସେ ମଙ୍ଗଳବାର ଦିନ ଭିଡିଓ ବାର୍ତାରେ ଏହା କହିଛନ୍ତି ।

ସେ କହିଛନ୍ତି ଯେ କରୋନା ଯୁଦ୍ଧରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନେ ହେଉଛନ୍ତି ଯୋଦ୍ଧା । ତାଙ୍କର ମୃତ୍ୟୁ ହେଲେ ରାଜ୍ୟ ସରକାର ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବେ । ସେମାନଙ୍କର ଅବସର ଗ୍ରହଣ କରିବା ସମୟ ଯାଏ ସେମାନଙ୍କ ପରିବାରକୁ ଦରମା ପ୍ରଦାନ କରା ଯିବ ।

ସେ କହିଛନ୍ତି ଯେ ଚିକିତ୍ସା ବେଳେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁ ଘଟିଲେ ପୂର୍ଣ ମର୍ଯ୍ୟାଦାର ସହ ସେମାନଙ୍କର ଶେଷ କୃତ୍ୟ ସମ୍ପନ୍ନ କରା ଯିବ । ଡାକ୍ତରଙ୍କୁ ଆକ୍ରମଣ ନେଇ ସେ ଚେତାବନୀ ଦେଇଛନ୍ତି। ଡାକ୍ତରଙ୍କୁ ଆକ୍ରମଣ କଲେ କିମ୍ବା ସେମାନଙ୍କୁ କାମରେ ବାଧା ଦେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ସେ କହିଛନ୍ତି । ଡାକ୍ତରଙ୍କ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଏନଏସଏ ଲାଗୁ ହେବ ।




## ବାଲେଶ୍ୱର ନୀଳଗିରି ବ୍ଲକର ଆଂଶିକ ଅଂଚଳ ସିଲ୍

**ବାଲେଶ୍ୱର, (ପିଏନ)**-ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ବାଉଁଶପାଳ ଗ୍ରାମରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଗୁଡିବଣିଆ ଛକ, ବାଉଁଶପାଳ ପମ୍ପ ହାଉସ୍, ଲକ୍ଷ୍ମୀ ନାରାୟଣ ମନ୍ଦିର ଛକ, ବାଉଁଶପାଳ ଗାଁ ଛକ, ଗାଁର ଶେଷ ସୀମା, ଅଗନି ସେଠି ହାଉସ୍ ପଏଂଟ, ବରହମପୁର କଲେଜ ଗେଟ୍ ଫୁଟପାଥ୍ ଯାଏଁ ଅଂଚଳକୁ ଆବଦ୍ଧାଂଚଳ ଘୋଷଣା କରାଯାଇଛି । କଂଟେନମେଂଟ ଜୋନ୍ ଘୋଷଣା ପରେ ସମ୍ପୃକ୍ତ ଅଂଚଳ ମଧ୍ୟକୁ ବାହାର ଲୋକଙ୍କ ପ୍ରବେଶ ଓ ଏହା ମଧ୍ୟରେ ରହୁଥିବା ଲୋକଙ୍କ ବାହାରକୁ ବାହାରିବା ଉପରେ କଟକଣା ଜାରୀ କରାଯାଇଛି । ସମ୍ପୃକ୍ତ ଅଂଚଳ ବାସିନ୍ଦାଙ୍କୁ ଘରେ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ପ୍ରଭାବିତ ଅଂଚଳରେ କଂଟାକ୍ଟ ଟ୍ରେସିଂ ପ୍ରକ୍ରିୟା ଜାରୀ ରହିବ ଏବଂ ସମସ୍ତ ସନ୍ଦିଗ୍ଧ ମାନଙ୍କ ସ୍ୱାବ୍ ଓ ରକ୍ତ ନମୁନା ପରୀକ୍ଷା କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।ପ୍ରକାଶ ଥାଉକି, ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍ ବରହମପୁର ଥାନା ଅଂଚଳରେ ଗତକାଲି ଆଉ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଆକ୍ରାନ୍ତଙ୍କ ମଧ୍ୟରେ ରହିଛି ଏକ ଅଢ଼େଇ ବର୍ଷିୟା ଶିଶୁକନ୍ୟା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୧୮ ତାରିଖରେ ବାଲେଶ୍ୱର ଜିଲ୍ଲାରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ୧୯ ତାରିଖ ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରର ତିନୋଟି ୱାର୍ଡ଼କୁ କଂଟେନମେଂଟ ଜୋନ୍ ଘୋଷଣା କରାଯିବା ସହ ଏହାକୁ ସିଲ୍ କରାଯାଇଥିଲା । ଏହି ନିଷିଦ୍ଧାଂଚଳ ମଧ୍ୟରେ ୨୯ ନଂ ୱାର୍ଡ଼ ସମ୍ପୂର୍ଣ୍ଣ ଏବଂ ୧୮ ଓ ୨୮ ନଂ ୱାର୍ଡର ଆଂଶିକ ଅଂଚଳ ରହିଛି । ସମ୍ପୃକ୍ତ ତିନୋଟି ୱାର୍ଡ଼ର ୯ଟି ପ୍ରବେଶ ପଥକୁ ସିଲ୍ କରିଛି ଜିଲ୍ଲା ପ୍ରଶାସନ ।

## ଟ୍ରମ୍ପଙ୍କ ଭିସା ଉପରେ ରୋକ୍ ଆଦେଶ ନେଇ ପଡିଲା ଚହଲ

ଲସ ଏଞ୍ଜେଲେସ୍ : ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦେଶାନ୍ତର ଉପରେ ରୋକ୍ ଆଦେଶ ନେଇ ଦୁନିଆରେ ଚହଲ ପଡିଛି । ଟ୍ରମ୍ପ ଟୁଇଟ୍ କରି କହିଛନ୍ତି ସେ ଏହି ମାମଲାରେ ଏକ କାର୍ଯ୍ୟକାରୀ ଆଦେଶ ଉପରେ ହସ୍ତାକ୍ଷର କରୁଛନ୍ତି । ଆମେରିକା ନାଗରିକଙ୍କ ହିତ ଓ ସେମାନଙ୍କର ରୋଜଗାରର ସୁରକ୍ଷାକୁ ଦୃଷ୍ଟିରେ ରଖି ଏମିତି କରାଯାଉଥିବା ସେ କହିଛନ୍ତି । ମାତ୍ର ଏହି ଆଦେଶରେ କାହାର କେତେ କ୍ଷତି ହେବ ଏହା ଉପରେ କିଛି ଉଲ୍ଲେଖ କରି ନାହାନ୍ତି । କୁହାଯାଉଛି ଯେ, ଦିଆଯାଉଥିବା ଗ୍ରୀନ କାର୍ଡ ଉପରେ ଉପରେ ମଧ୍ୟ ରୋକ୍ ଲଗାଯାଇପାରେ ।

ଆମେରିକୀ ଗଣମାଧ୍ୟମରେ ଏହି ଚର୍ଚ୍ଚା ଜୋର ଧରିଛି ଯେ, ଆମେରିକୀୟଙ୍କ ରୋଜଗାର ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରମ୍ପ ସରକାର ଚୀନ ସହିତ ଆଫ୍ରିକା ଏବଂ କିଛି ଦେଶର ନାଗରିକଙ୍କୁ ଆମେରିକା ଆସିବା ଏବଂ ରୋଜଗାର କରିବା ଉପରେ ରୋକ୍ ଲଗାଇ ପାରନ୍ତି । ଏପରିକି ଗ୍ରୀନକାର୍ଡ ଉପରେ ମଧ୍ୟ ରୋକ୍ ଲଗାଯାଇପାର । ଏହି ଆଦେଶରେ ଏଚ ୧ ବି ଆଧାରରେ ଅସ୍ଥାୟୀ ଭିସା ନିଲମ୍ବିତ କରାଯାଇପାରେ । ଟ୍ରମ୍ପ ମଙ୍ଗଳବାର ଏହି କାର୍ଯ୍ୟକାରୀ ଆଦେଶ ଉପରେ ହସ୍ତାକ୍ଷର କରି ପାରନ୍ତି ।

କୋଭିଡ-୧୯ କାରଣରୁ ଗତ ଚାରି ସପ୍ତାହରେ ଦୁଇ କୋଟି ୨୦ ଲକ୍ଷ ରୋଜଗାର ଛାଡି ସାରିଛନ୍ତି କିମ୍ବା ସେମାନଙ୍କୁ ରୋଜଗାରରୁ ହଟାଯାଇଛି ।

## କିମ୍ ଜୋଙ୍ଗ ଉନଙ୍କ ହେଲା ହାର୍ଟ ଅପରେସନ

ଲସ ଏଞ୍ଜେଲେସ୍ : ଉତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗଙ୍କ ହାର୍ଟ ଅପରେସନକୁ ନେଇ ଆମେରିକୀ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । କିମ ଜୋଙ୍ଗ ଉନଙ୍କୁ ଗତ ୪୦ ଦିନ ହେବ ଦେଖିବାକୁ ମିଳୁନଥିଲା । ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ଅନେକ ପ୍ରକାରର କଳ୍ପନା ଜଳ୍ପନା ଲାଗି ରହିଥିଲା । ଏହା ମଧ୍ୟ କୁହାଯାଉଛି ଯେ, ଜିମଙ୍କୁ ଶେଷ ଥର କମ୍ୟୁନିଷ୍ଟ ପାର୍ଟିର ଏପ୍ରିଲ ୧୧ରେ ହୋଇଥିବା ପୋଲିଟ୍ ବ୍ୟୁରୋ ବୈଠକରେ ଦେଖିବାକୁ ମିଳିଥିଲା ।

କିମ୍ ଜୋଙ୍ଗ ଉନଙ୍କ ହାର୍ଟ ଅପରେସନ ବିଷୟରେ ଦକ୍ଷିଣ କୋରିଆ ଗଣମାଧ୍ୟମ ପକ୍ଷରୁ ଖବର ପ୍ରସାରଣ ମଧ୍ୟ ହେଉଛି । କୁହାଯାଉଛି ଯେ, କିମ୍ ଜୋଙ୍ଗ ଉନଙ୍କୁ ଉତର କୋରିଆର ସଂସ୍ଥାପକ ତଥା ନିଜ ଦାଦା କିମଙ୍କ ଏପ୍ରିଲ ୫ରେ ଅନୁଷ୍ଠିତ ଜନ୍ମ ଦିବସ ସମାରୋହରେ ମଧ୍ୟ ସାମିଲ ହୋଇନଥିଲେ । ସେହି ଦିନ ଉତର କୋରିଆ ପକ୍ଷରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରକ୍ଷେପଣ କରିଥିଲା ।

ନ ୟୁର୍କ ଟାଇମ୍ସ ଉତର କୋରିଆର ଏକ ଦୈନିକ ଉଏବସାଇଟ୍ ସୂତ୍ରରୁ କହିଛି ଯେ, କିମମାଉଂଟ କମଗଙ୍ଗ ରିସୋର୍ଟରେ କିମ ଜୋଙ୍ଗ ସୁସ୍ଥତା ଲାଭ କରୁଛନ୍ତି । ଏପ୍ରିଲ ୧୨ରେ ତାଙ୍କର ହାର୍ଟ ଅପରେସନ ହୋଇଥିବା କୁହାଯାଉଛି । ଉଏବସାଇଟ୍ ଏହା ମଧ୍ୟ ଦାବି କରିଛି ଯେ, କିମ୍ ଅତ୍ୟଧିକ ସିଗାରେଟ୍ ସେବନ ଏବଂ ମୋଟାପଣ କାରଣରୁ ଶାରୀରିକ ଅସୁସ୍ଥତା ଅନୁଭବ କରୁଥିଲେ । ଉତର କୋରିଆରେ କିମ ଜୋଙ୍ଗ ଉନଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଗୋପନୀୟତା ରଖାଯାଉଛି ।

## ରେଭେନ୍ସା ଓ ଜିଏମ ବିଶ୍ୱବିଦ୍ୟାଳୟ ମଇ ୩ ଯାଏ ବନ୍ଦ ରହିବ

**ଭୁବନେଶ୍ୱର, (ପିଏନ)**- ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଗାମୀ ମଇ ୩ ତାରିଖ ଯାଏ ବନ୍ଦ ରହିବା ସମ୍ପର୍କରେ ଏହି ଦୁଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଗାମୀ ୧୭ ଜୁନ ଯାଏ କ୍ଲାସ ବନ୍ଦ ରହିବ ।

## ଅଙ୍ଗନବାଡ଼ି ଶିଶୁମାନଙ୍କ ପାଇଁ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡର ଉନ୍ମୋଚିତ

**ଭୁବନେଶ୍ୱର ,(ପିଏନ)**- କୋଭିଡ୍-୧୯ ମହାମାରୀ ହେତୁ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି । ଏହି ପରିସ୍ଥିତିରେ ରାଜ୍ୟର ୭୨ ହଜାର ୫୮୭ଟି ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଲାଭ କରୁଥିବା ୧୬ ଲକ୍ଷ ୧୩ ହଜାର ୭୭୫ ଶିଶୁ(୩ରୁ ୬ ବର୍ଷ)ଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ରଖି ସେମାନଙ୍କ ମାନସିକ ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ୟୁନିସେଫ୍‌ର ସହାୟତାରେ ବିଭିନ୍ନ କୌତୁକପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ବଳିତ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି । ପିତାମାତା, ଜେଜେବାପା ଓ ଜେଜେମା'ଙ୍କ ସହାୟତାରେ ଏହା କାର୍ଯ୍ୟକାରୀ କରାଯିବ ।

ଏହା ଦ୍ୱାରା ଘରେ ଥାଇ ମଧ୍ୟ ପିଲାମାନଙ୍କ ପ୍ରାକ୍-ଶିକ୍ଷା ଏବଂ ସ୍କୁଲ୍ ଯିବା ପାଇଁ ପ୍ରସ୍ତୁତି ସହଜ ହେବ । ଲକ୍‌ଡାଉନ ଏବଂ ସାମାଜିକ ଦୂରତ୍ୱ ପରିପ୍ରେକ୍ଷୀରେ ଏହି କ୍ୟାଲେଣ୍ଡରଗୁଡିକୁ ଡିଜିଟାଲ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ନିକଟରେ ପହଂଚାଇ ଦିଆଯିବ । ଯେଉଁଠି ଇଂଟରନେଟ୍‌ର ସୁବିଧା ନଥିବ, ସେଠାରେ ଏହି ପୁସ୍ତିକାକୁ ପିଲାମାନଙ୍କ ଘରେ ପହଂଚାଇବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ ।

ମଙ୍ଗଳବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏହି 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡରର ଉନ୍ମୋଚନ କରିଛନ୍ତି । ଏହି କ୍ୟାଲେଣ୍ଡର ମାଧ୍ୟମରେ ଘରେ ପିଲାମାନଙ୍କୁ ବିଭିନ୍ନ ପ୍ରକାଶ ସୃଜନାତ୍ମକ କାର୍ଯ୍ୟରେ ଯଥା ନୃତ୍ୟ, ସଂଗୀତ, ଚିତ୍ରକଳା, ଗଳ୍ପକଥନ, ଆଦିରେ ନିୟୋଜିତ ରଖିବା ଏବଂ ପ୍ରତ୍ୟେକ ମାସ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମକୁ ପ୍ରଦତ୍ତ କ୍ୟାଲେଣ୍ଡରର ସୂଚୀ ଅନୁସାରେ ଅନୁସରଣ କରିବା ଦ୍ୱାରା କୋମଳମତି ଶିଶୁମାନଙ୍କ ମାନସିକତା ଉପରେ ଅନେକ ସକାରତ୍ମକ ପ୍ରଭାବ ଅନୁଭୂତ ହେବ । ହାତଧୁଆ, ସ୍ୱଚ୍ଛତା, ପରିମଳ, ସାମାଜିକ ଦୂରତ୍ୱ ପ୍ରଭୃତି ଉତମ ଅଭ୍ୟାସ ସମ୍ପର୍କରେ ମଧ୍ୟ ପିଲାମାନଙ୍କୁ ସଚେତନ କରିବା ନିମନ୍ତେ ଏହି କ୍ୟାଲେଣ୍ଡରରେ ଅନେକ ବାର୍ତା ପ୍ରଦାନ କରାଯାଇଛି । ଏହାଦ୍ୱାରା ପରିବାର ଭିତରେ ଆନ୍ତରିକତା ବୃଦ୍ଧି ପାଇବ ବୋଲି ପ୍ରମୁଖ ଶାସନ ସଚିବ ଆଶା ପ୍ରକଟ କରିଛନ୍ତି ।

ଆଜିର ଭିଡ଼ିଓ କନ୍‌ପରେନସିଂରେ ଡ଼ିଏସଡବ୍ଲ୍ୟୁ ଓ ଏବଂ ସିଡ଼ିପିଓମାନଙ୍କୁ ଏ ସମ୍ପର୍କରେ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଉଛି ।

### ପଶ୍ଚିମବଙ୍ଗ: ସାମ୍ନାକୁ ଆସିଲା ଏମଆର ବାଙ୍ଗୁର ହସ୍ପିଟାଲର ଦୟନୀୟ ସ୍ଥିତି ଭିଡିଓ

## ଶବ ସହିତ ଶୋଇବାକୁ ବାଧ୍ୟ ହେଉଛନ୍ତି ଲୋକ

**କୋଲକାତା,(ପିଏନ)**- ପଶ୍ଚିମବଙ୍ଗ ସରକାର ଦ୍ୱାରା କୋଲକାତାରେ କରୋନା ସମର୍ପିତ ଏମଆର ବାଙ୍ଗୁର ହସ୍ପିଟାଲର ଦୟନୀୟ ସ୍ଥିତିର ଭିଡିଓ ସାମ୍ନାକୁ ଆସିଛି । ଏହି ହସ୍ପିଟାଲର ଆଇସୋଲେସନ ଓ୍ୱାର୍ଡରେ ଭର୍ତି ଜଣେ ବ୍ୟକ୍ତି ଏହାର ଭିଡିଓ କରି ସାର୍ବଜନୀନ କରିଛନ୍ତି । ଏଥିରେ ଦେଖିବାକୁ ମିଳୁଛି ଯେ, ଓ୍ୱାର୍ଡରେ ଅନେକ ଶବ ପଡି ରହିଛି ଏବଂ ଏହାର ଆଖପାଖ ଶଯ୍ୟାରେ ଲମ୍ବା ସମୟ ଧରି ଲୋକେ ରହିବାକୁ ବାଧ ହେଉଛନ୍ତି । ଶବରୁ ଦୁର୍ଗନ୍ଧ ବାହାରୁଥିବା ରୋଗୀମାନେ ଅଭିଯୋଗ ମଧ୍ୟ କରିଛନ୍ତି । ମାତ୍ର ଶବକୁ ହଟାଇବାର କୌଣସି ବ୍ୟବସ୍ଥା କରାଯାଉନାହିଁ । ଏପରିକି ଆଇସୋଲେସନ ଓ୍ୱାର୍ଡରେ ଥିବା ଶଯ୍ୟା ମଧ୍ୟରେ ବି ସାମାଜିକ ଦୂରତ୍ୱର ପାଳନ କରାଯାଉ ନାହିଁ । ଅର୍ଥାତ ଯଦି ଜଣେ ବି କରୋନା ପଜିଟିଭ୍ ବ୍ୟକ୍ତି ଏଠାକୁ ଆସନ୍ତି ତେବେ ଆଇସୋଲେସନ ଓ୍ୱାର୍ଡରେ ଭର୍ତି ବାକି ସମସ୍ତ ଲୋକ କରୋନା ପଜିଟିଭ୍ ହେବାର ସମ୍ଭାବନା ରହିଛି ।ଭିଡିଓରେ ଏହା ଦର୍ଶାଯାଇଛି ଯେ, ଯେଉଁ କିଛି ଅସୁସ୍ଥ ଲୋକ ଏଠାକୁ ଆସୁଛନ୍ତି ସେମାନେ ଭର୍ତି ହେବାର କିଛି ଦିନ ପରେ ସଂପୂର୍ଣ୍ଣ ଗୁରୁତର ହୋଇ ପ୍ରାଣ ହରାଉଛନ୍ତି । ଏଠାରେ ରାପିଡ୍ ଟେଷ୍ଟିଙ୍ଗର ବ୍ୟବସ୍ଥା ମଧ୍ୟ ନାହିଁ । ଚାରିରୁ ପାଂଚ ଦିନ ପରେ ହିଁ ଲୋକଙ୍କ ଯାଂଚ ହେଉଛି ।ଉଲ୍ଲେଖନୀୟ ପଶ୍ଚିମବଙ୍ଗ ସରକାରଙ୍କ ବିଫଳତାର ଖବର ପ୍ରକାଶିତ କରୁଥିବା ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଧମକ ଦେଇ ଆସିଛନ୍ତି । କେସ୍ ରୁଜୁ କରିବାକୁ ମଧ୍ୟ ଧମକ ଦିଅନ୍ତି । ସ୍ୱାସ୍ଥ୍ୟ ବିଭାଗ ଦମ୍ଭୋକ୍ତିର ସହ କହିଥିଲା ଯେ, ଏମଆର ବାଙ୍ଗୁର ହସ୍ପିଟାଲରେ କୌଣସି ଶବ ପଡିନାହିଁ । ମାତ୍ର ବାସ୍ତବ ଏହାର ଓଲଟା ରହିଛି । ଏହି ପରି ଅବସ୍ଥାର ସମୀକ୍ଷା ପାଇଁ ଯେବେ ସୋମବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କେନ୍ଦ୍ରୀୟ ମନ୍ତ୍ରୀସ୍ତରୀୟ ଟିମ୍ ଆସିଥିଲେ ତେବେ ରାଜ୍ୟ ସରକାର ସେମାନଙ୍କୁ ବିଭିନ୍ନ ବିଭାଗରେ ପରିଦର୍ଶନ କରିବାକୁ ରୋକି ଥିଲେ ଏବଂ ସଚିବାଳୟରେ ବସାଇ ରଖିଥିଲେ ।

## ବିଶ୍ରାରେ ନୂତନ କଂଟେନମେଂଟ ଜୋନ୍ ଘୋଷଣା

**ରାଉରକେଲା, (ପିଏନ)**- ସୁନ୍ଦରଗଡ଼ ଜିଲ୍ଲା ବିଶ୍ରାରେ ଗତକାଲି ପୁଣି ଜଣେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଡ଼ବୁଡ଼ ଜୋର ଓ ଏହାର ପାର୍ଶ୍ୱବର୍ତି ଅଂଚଳକୁ କଂଟେନମେଂଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ତାଙ୍କ ପତ୍ରାଙ୍କ ନଂ ୧୦୯୯ ଅନୁଯାୟୀ ଏହି ଘୋଷଣା କରିଛନ୍ତି ।

ବିଶ୍ରାରେ ତୃତୀୟ ପଜିଟିଭ୍ ଚିହ୍ନଟ ହେବା ପରେ ପୁଣି ୭ଟି ଅଂଚଳକୁ ଆବଦ୍ଧାଂଚଳ ଘୋଷଣା କରାଯାଇଛି । ସେସବୁ ଅଂଚଳ ହେଲା ବୁଡ଼ବୁଡ଼ ଜୋରରୁ ପୁରୁଣା ବସ୍ତି ପାଖ ପଡ଼ିଆ, ପୁରୁଣା ବସ୍ତି ପାଖ ପଡ଼ିଆରୁ ନିକଟସ୍ଥ ଚର୍ଚ୍ଚ ଅଂଚଳ, ଚର୍ଚ୍ଚ ଅଂଚଳରୁ ବୁଡ଼େଲ ଜୋର ବସ୍ତି, ବୁଡ଼େଲ ଜୋର ବସ୍ତି ଠାରୁ ନିକଟସ୍ଥ ରେଳବାଇ ଅଂଚଳ, ନୂଆ ବସ୍ତି ରେଳ ଅଂଚଳରୁ ନୂଆ ବସ୍ତି । ନୂଆ ବସ୍ତିରୁ ହାସନପୁର ରେଳବାଇ ଅଂଚଳ ଏବଂ ହାସନପୁର ରେଳବାଇ ଅଂଚଳରୁ ବୁଡ଼ବୁଡ଼ ଜୋର ପୁରୁଣା ବସ୍ତି । ସମ୍ପୃକ୍ତ ଅଂଚଳକୁ ଚର୍ତୁପାର୍ଶ୍ୱରୁ ସିଲ୍ କରାଯାଇଛି । ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ନିସିଦ୍ଧାଂଚଳ ମଧ୍ୟକୁ ବାହାରର ଲୋକଙ୍କ ପ୍ରବେଶ ଓ ଏଠାରୁ ଲୋକଙ୍କ ବାହାରକୁ ବାହାରିବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରୀ କରାଯାଇଛି । ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ପ୍ରଭାବିତ ଅଂଚଳରେ କଂଟାକ୍ଟ ଟ୍ରେସିଂ ପ୍ରକ୍ରିୟା ଜାରୀ ରହିବ ଏବଂ ଖୁବଶୀଘ୍ର ସମସ୍ତ ସନ୍ଦିଗ୍ଧ ମାନଙ୍କ ସ୍ୱାବ୍ ଓ ରକ୍ତ ନମୁନା ପରୀକ୍ଷା କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।ପ୍ରକାଶ ଥାଉକି, ଗତ ୧୧ ତାରିଖରେ ବିଶ୍ରାରୁ ଦୁଇ ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଗତ ୧୨ ତାରିଖରେ ବିଶ୍ରାର ଆସିଆନା କଲୋନୀ ଓ ଏହାର ଆଖପାଖ ଅଂଚଳର ୫ଟି ସ୍ଥାନକୁ ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା । ଯାହାକି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ସବୁ ଅଂଚଳରେ ନୋଡ଼ାଲ ଅଫିସର ମାନଙ୍କୁ ନିଯୁକ୍ତି ଦିଆଯାଇ ସେହି ଅଂଚଳର ବାସିନ୍ଦାଙ୍କୁ କିଭଳି ଅତ୍ୟାବଶ୍ୟକ ସାମଗ୍ରୀ ସଠିକ୍ ସମୟରେ ମିଳିବ ତା'ର ବ୍ୟବସ୍ଥା କରାଯାଇଛି ।

## ଆଜି ୬୭୯୮ଟି ପଂଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)**-ଆସନ୍ତାକାଲି ପ୍ରତି ପଂଚାୟତ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ । ରାଜ୍ୟର ୬୭୯୮ଟି ପଂଚାୟତର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସରେ ଆଲୋଚନା କରିବେ ବୋଲି ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି ।

ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ ଅଟକାଇବାକୁ ହେଲେ ପଂଚାୟତମାନେ ସହଯୋଗ କରିବା ଆବଶ୍ୟକ । ସେମାନଙ୍କ ସହଯୋଗ କାମନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରିବେ ବୋଲି ସେ ସୂଚନା ଦେଇଛନ୍ତି ।

## କେନ୍ଦ୍ର ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆଇକାର୍ଡ ବାଧ୍ୟତାମୂଳକ

**ଭୁବନେଶ୍ୱର, (ପିଏନ)**୦ କେନ୍ଦ୍ର ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆଇକାର୍ଡ ଓ ଅଫିସ ଆସିବାକୁ ଦିଆ ଯାଇଥିବା ପତ୍ରକୁ ମଙ୍ଗଳବାର ଠାରୁ ବାଧ୍ୟତାମୂଳକ କରା ଯାଇଛି । ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଗତ ରାତ୍ରିରେ ଏ ସମ୍ପର୍କରେ ଟ୍ୱିଟ କରି ସୂଚନା ଦେଇଥିଲେ । ସେ ଟ୍ୱିଟ କରି କହିଥିଲେ ଯେ ରାଜ୍ୟ ତଥା କେନ୍ଦ୍ର ସରକାରୀ କର୍ମଚାରୀ ମାନେ ଭୁବନେଶ୍ୱରରେ ଅଫିସ ଆସିବା ବେଳେ ସେମାନଙ୍କ ପରିଚୟ ପତ୍ର ପାଖରେ ରଖିବେ ।

## ଯାଜପୁର ଜିଲ୍ଲାର ୭ ପଞ୍ଚାୟତର ୧୩ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ଯାଜପୁର,(ପିଏନ)**- ଯାଜପୁର ଜିଲ୍ଲାରେ ଗତକାଲି ୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ସଂକ୍ରମଣକୁ ରୋକିବା ନେଇ ପଦକ୍ଷେପ ସ୍ୱରୂପ ଜିଲ୍ଲାର ତିନି ବ୍ଲକର ୭ ପଚାଂୟତରେ ଥିବା ୧୩ଟି ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

ଯାଜପୁର ବ୍ଲକର ପଣସା ପଚାଂୟତର କୁଷି, କୋରକରା, ବାଲିପୋଖରୀ । ବାସୁଦେବପୁର ପଚାଂୟତର ବାସୁଦେବପୁର, ଜାଲପୁର ଗ୍ରାମ । ଜାହନପୁର ପଚାଂୟତର ସଦେଇପୁର । କୋରେଇ ବ୍ଲକ ମୁକୁନ୍ଦପୁର ପଚାଂୟତର ମୁକୁନ୍ଦପୁର, ମଥୁରାପୁର, ନିଶଙ୍କପୁର । ଦଶରଥପୁର ବ୍ଲକର ବିରଜା ପୁର ପଚାଂୟତର ବିରଜାପୁର, ବଡ଼ ଆଦମପୁର ଗ୍ରାମ । ତଳିଆ ପଚାଂୟତ ଅନ୍ତର୍ଗତ ତଳିଆ ଗ୍ରାମର ଆଂଶିକ । ବିହାରୀ ପଚାଂୟତର ପାଳଦା ଗ୍ରାମର ଆଂଶିକ ଅଂଚଳକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

ଏହା ବ୍ୟତୀତ ଯାଜପୁର ତହସିଲଦାର ସୁଶାନ୍ତ କୁମାର ପତି ଯାଜପୁର ବ୍ଲକର ସାନିଟେସନ କାମ ବୁଝିବେ । ସୌରଭ ଚକ୍ରବର୍ତି ବିଡ଼ିଓ ଯାଜପୁର ବ୍ଲକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଦାୟୀତ୍ୱ । ଡାକ୍ତର ଆଲୋକନାଥ ସାମଲ ସ୍ୱାସ୍ଥ୍ୟ ଦାୟିତ୍ୱରେ ଅଛନ୍ତି । କୋରେଇ ବ୍ଲକ ପାଇଁ ବ୍ୟାସନଗର ତହସିଲଦାର ଶରତ ମହାପାତ୍ର ସାନିଟେସନ ଦାୟୀତ୍ୱରେ ରହିଥିବା ବେଳେ କୋରେଇ ବିଡ଼ିଓ ଶ୍ରୀମତୀ ସ୍ୱେତାସ୍ନିଗ୍ଧାଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଦାୟୀତ୍ୱ ଏବଂ ଡାକ୍ତର ହିମାଂଶୁ କୁମାର ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଅଛନ୍ତି । ସେହିପରି ଦଶରଥପୁର ବ୍ଲକ୍ ପାଇଁ ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା ସାନିଟେସନ, ଦଶରଥପୁର ବିଡ଼ିଓ ନାରାୟଣ ଚନ୍ଦ୍ର ନାୟକ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଏବଂ ଡ଼ାକ୍ତର ଉମାକାନ୍ତ ମଲ୍ଲିକ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ରହିଛନ୍ତି । ସମ୍ପୃକ୍ତ ଅଂଚଳର ସମସ୍ତ ପ୍ରବେଶ ପଥକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । କଂଟେନମେଂଟ ଜୋନ୍ ମଧ୍ୟକୁ ପ୍ରବେଶ ଓ ଏହା ମଧ୍ୟରୁ ବାହାରକୁ ବାହାରିବା ଉପରେ କଟକଣା ଜାରୀ କରାଯାଇଛି । ଚର୍ତୁପାର୍ଶ୍ୱରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି ।

ପ୍ରକାଶ ଥାଉ କି, ଏହି ୫ ପଜିଟିଭଙ୍କ ମଧ୍ୟରୁ ଯାଜପୁର ବ୍ଲକର ୩ ଜଣ ରହିଛନ୍ତି । କୋରେଇ ବ୍ଲକର ଜଣେ ଓ ଦଶରଥପୁର ବ୍ଲକର ଜଣେ ପଜିଟିଭ୍ ରହିଛନ୍ତି । ଏମାନେ ସମସ୍ତେ କୋଲକାତାରୁ ଫେରିଥିଲେ । ଗତ ୨୯ ତାରିଖରେ କୋଲକାତାରୁ ବାହାରି ୩୦ ତାରିଖରେ ଏଠାରେ ପହଂଚିଥିବା ନେଇ ଗତକାଲି ଜିଲ୍ଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଥିଲେ । ଆକ୍ରାନ୍ତ ମାନେ ସମସ୍ତେ ପୁରୁଷ ଏବଂ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କର ବୟସ ୫୦ରୁ ଅଧିକ । ଅନ୍ୟ ଦୁଇ ଜଣଙ୍କର ବୟସ ଯଥାକ୍ରମେ ୨୮ ଓ ୩୨ ବର୍ଷ ହୋଇଥିବା ସେ କହିଥିଲେ । ଏମାନେ ସମସ୍ତେ ହାଓ୍ୱଡ଼ା, ବଡ଼ବଜାର ଅଂଚଳରେ ଶ୍ରମିକ ଭାବେ କାମ କରୁଥିଲେ ।

ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ଆକ୍ରାନ୍ତଙ୍କ କଂଟାକ୍ଟ ଟ୍ରେସିଂ କାମ ଆରମ୍ଭ ହୋଇଯାଇଛି । ଖୁବ୍ ଶୀଘ୍ର ସମ୍ପୃକ୍ତ ଅଂଚଳ ମଧ୍ୟରେ ବସବାସ କରୁଥିବା ସମସ୍ତ ଲୋକଙ୍କ ସ୍ୱାବ୍ ଓ ରକ୍ତ ନମୁନା ପରୀକ୍ଷା କରାଯିବ ବୋଲି ଜଣାପଡିଛି ।




# ବନ୍ଧନ ବ୍ୟାଙ୍କ ପକ୍ଷରୁ କ୍ଷୁଦ୍ର ଋଣ ସେବା ପୁନର୍ବାର ଆରମ୍ଭ

ଭୁବନେଶ୍ୱର: ବନ୍ଧନ ବ୍ୟାଙ୍କ ପକ୍ଷରୁ କ୍ଷୁଦ୍ର ଋଣ ସେବାକୁ ପୁନର୍ବାର ଆରମ୍ଭ କରାଯାଇଛି । କ୍ଷୁଦ୍ର ବ୍ୟବସାୟରେ ଜଡ଼ିତ ଥିବା ବ୍ୟାଙ୍କର ଗ୍ରାହକଙ୍କ ଅନୁରୋଧ ଏବଂ ସେମାନଙ୍କ ଆର୍ଥିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଏହି ସେବା ଆରମ୍ଭ କରିଛି । ଏହି ସେବା ଏବେ ବ୍ୟାଙ୍କ ତରଫରୁ ସୀମିତ ଭାବେ କମ୍ କର୍ମଚାରୀଙ୍କ ଜରିଆରେ ଦିଆଯାଉଛି । ସ୍ଥିତିରେ ସୁଧାର ହେବା ସହିତ ଏହି ସେବା ବ୍ୟାପକ ହେବ ।ଲକ୍‌ଡାଉନ୍ ସମୟରେ ଜାରି ହୋଇଥିବା ଦିଶାନିର୍ଦ୍ଦେଶକୁ ପାଳନ କରି ବନ୍ଧନ ବ୍ୟାଙ୍କ ଏହାର ଶାଖ ଖୋଲୁଛି । ମାତ୍ର କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଋଣ ସେବା ବନ୍ଦ ଥିଲା । ଏପ୍ରିଲ୍ ୨୦ ପରଠାରୁ ଚିହ୍ନଟ ହୋଇଥିବା ଗ୍ରିନ୍ ଜୋନ୍‌ଗୁଡ଼ିକରେ ଏହି ସେବା ଆରମ୍ଭ କରାଯାଇଛି । ଚାଷୀମାନେ ମଧ୍ୟ ଫସଲ ଅମଳ କରିବା ଲାଗି ଆର୍ଥିକ ସହାୟତା ନିମନ୍ତେ ବ୍ୟାଙ୍କ ପାଖକୁ ଆସୁଥିବା ବେଳେ ପରବର୍ତୀ ଫସଲ ଲଗାଇବା ପାଇଁ ମଧ୍ୟ ସହାୟତା ଲୋଡ଼ୁଛନ୍ତି । ବ୍ୟାଙ୍କ ସେମାନଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଛି । ଗ୍ରୋସରି ଦୋକାନି, ଖାଦ୍ୟ ସାମଗ୍ରୀ ବିକ୍ରେତା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରେତାମାନେ ହେଉଛନ୍ତି ବନ୍ଧନ ବ୍ୟାଙ୍କର ନିୟମିତ ଋଣ ଗ୍ରାହକ । ସେମାନଙ୍କ ଆବଶ୍ୟକତାକୁ ନଜରରେ ରଖି ବ୍ୟାଙ୍କ ଏହାର ଋଣ ସେବା ଆରମ୍ଭ କରିଛି । ଏହି ଆର୍ଥିକ ସହାୟତା ଜରିଆରେ ସେମାନେ ନିଜର ଜୀବିକାକୁ ପୁନର୍ବାର ଆରମ୍ଭ କରିପାରିବେ ଏବଂ ବଢ଼ାଇପାରିବେ । ବନ୍ଧନ ବ୍ୟାଙ୍କର ସାରା ଦେଶରେ ୪୫୦୦ ଆଉଟଲେଟ୍ ରହିଛି । ପ୍ରାୟ ତିନି ବର୍ଗ କିଲୋମିଟର ଭିତରେ ଗ୍ରାହକଙ୍କ ପାଇଁ ବ୍ୟାଙ୍କ ଶାଖା ରହିଛି । ଅଧିକାଂଶ ଅଂଚଳରେ ଗ୍ରାହକମାନେ ଶାଖାକୁ ଆସନ୍ତୁ ବୋଲି ବ୍ୟାଙ୍କ ଚାହୁଁଥିବା ବେଳେ କିଛି ଗ୍ରାହକଙ୍କ ପାଖରେ ବ୍ୟାଙ୍କର କର୍ମଚାରୀ ପହଞ୍ଚୁଛନ୍ତି । କାରବାର କରିବା ବେଳେ ମୁହଁ ମାସ୍କ ଓ ହାତରେ ଗ୍ଲୋଭସ୍ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ବ୍ୟାଙ୍କ ତରଫରୁ ଗ୍ରାହକମାନଙ୍କୁ କୁହାଯାଉଛି ।

# କରୋନା ମହାମାରୀର ସଫଳ ମୁକାବିଲା ପାଇଁ ୬ ଜଣିଆ ଆନ୍ତଃମନ୍ତ୍ରୀମଣ୍ଡଳ ଟିମ ଗଠନ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, (ପିଏନ) - ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୬ଟି ଆନ୍ତମନ୍ତ୍ରୀମଣ୍ଡଳୀୟ କେନ୍ଦ୍ରୀୟ କମିଟି ଗଠନ କରିଛନ୍ତି । ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଲାଗି ୨ଟି ଲେଖାଏଁ କମିଟି ଥିବାବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନ ଲାଗି ଗୋଟିଏ ଲେଖାଏଁ ରହିଛି । ସେମାନେ ଘଟଣାସ୍ଥଳକୁ ଯାଇ ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷଙ୍କ ସହିତ ଏହି ବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରଗୁଡ଼ିକୁ ପରାମର୍ଶ ଦେବେ । ବିଶେଷ କରି ମଧ୍ୟପ୍ରଦେଶର ଇନ୍ଦୋର, ମହାରାଷ୍ଟ୍ରର ମୁମ୍ବାଇ ଓ ପୁନେ, ରାଜସ୍ଥାନର ଜୟପୁର ଏବଂ ପଶ୍ଚିମବଙ୍ଗର କୋଲକାତା, ହାୱଡ଼ା, ପୂର୍ବମେଦିନାପୁର, ଉତରଚବିଶ ପ୍ରଗଣା, ଦାର୍ଜିଲିଂ, କାଲିନପଙ୍ଗ ଓ ଜଳପାଇଗୁଡ଼ିରେ ପରିସ୍ଥିତି ଗମ୍ଭୀର ରହିଛି । ଆନ୍ତମନ୍ତ୍ରୀମଣ୍ଡଳୀୟ କେନ୍ଦ୍ରୀୟ ଦଳ ପ୍ରଣୀତ ନିୟମାବଳୀ ଅନୁସାରେ ଲକଡାଉନର କଟକଣା, କାର୍ଯ୍ୟକାରିତା, ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ, ସାମାଜିକ ଦୂରତା ରକ୍ଷା, ସ୍ୱାସ୍ଥ୍ୟ ଭିତିଭୂମିର ସ୍ଥିତି, ବିଭିନ୍ନ ରିଲିଫ ଶିବିରରେ ରହୁଥିବା ଶ୍ରମିକ ଓ ଗରିବ ଲୋକଙ୍କ ଅବସ୍ଥା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ସୁରକ୍ଷା ଉପରେ ଅନୁଧ୍ୟାନ କରିବ । ହଟସ୍ପଟ ଜିଲ୍ଲା ବା ହଟସ୍ପଟ ହେବାକୁ ଯାଉଥିବା ଜିଲ୍ଲା ବା କୌଣସି ଜିଲ୍ଲାରେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଏପରି କିଛି ଗାଇଡଲାଇନର ଖିଲାପ ହେଉଛି ନା ନାହିଁ ତାହା ମଧ୍ୟ ଦେଖାଯିବ । ସେମାନଙ୍କର ରିପୋର୍ଟକୁ ବିଶ୍ଳେଷଣ କରି କେନ୍ଦ୍ର ସରକାର ଅନ୍ୟାନ୍ୟ ପଦକ୍ଷେପ ନେବେ । କେନ୍ଦ୍ର ସରକାର ଆପତିକାଳୀନ ପରିଚାଳନା ଆଇନ ୨୦୦୫ର ଧାରା- ୩୫(୧), ୩୫(୨)(ବ), ୩୫(୨)(ର) ବଭୟ ୩୫(୨)(ସ) ବଳରେ ଏହି କମିଟି ଗଠନ କରିଛନ୍ତି ।

ଲକଡାଉନ କାଳରେ କଟକଣା ନିୟମାବଳୀ, ସଂଶୋଧିତ ନିୟମାବଳୀ ଓ ସେଗୁଡ଼ିକର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ମଧ୍ୟ ଦିଆଯାଇଛି । ଆପଦକାଳୀନ ପରିଚାଳନା ଆଇନ ୨୦୦୫ ଅଧୀନରେ ପ୍ରଣିତ ନିୟମାବଳୀଗୁଡ଼ିକର ଯେପରି କୌଣସି ମତେ ଅଣଦେଖା କରାନଯାଏ ସେଥିପ୍ରତି ଧ୍ୟାନ ଦେବାକୁ କେନ୍ଦ୍ର ଓ କେନ୍ଦ୍ରଶାସିତ ଅଂଚଳ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ,ସୁପ୍ରିମକୋର୍ଟ ଗତ ୩୧ ମାର୍ଚ୍ଚରେ ଦାୟର କରାଯାଇଥିବା ଏକ ରିଟ ଆବେଦନ ବଳରେ ରାଜ୍ୟ ସରକାର, ପ୍ରତ୍ୟେକ ନାଗରିକ ଓ ସମସ୍ତେ କେନ୍ଦ୍ର ସରକାର ଜାରି କରିଥିବା ସମସ୍ତ ନିୟମାବଳୀକୁ ଜନସାଧାରଣଙ୍କ ସୁରକ୍ଷା ଲାଗି ଅକ୍ଷରେ ଅକ୍ଷରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡ଼ିକୁ ମଧ୍ୟ ଅବଗତ କରାଯାଇଛି । ଆନ୍ତଃମନ୍ତ୍ରୀମଣ୍ଡଳୀୟ କମିଟି ଆପଦକାଳୀନ ପରିଚାଳନା ଆଇନ ୨୦୦୫ ଦ୍ୱାରା ପ୍ରଣିତ ଲକଡାଉନ କାଳରେ ଲାଗୁ କଟକଣାଗୁଡ଼ିକର ସମୀକ୍ଷା କରିବେ ।ଏହାଛଡ଼ା ସେମାନେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ, ସାମାଜିକ ଦୂରତ୍ୱ ରକ୍ଷା, ହସ୍ପିଟାଲ ସୁବିଧା ଏବଂ ଜିଲ୍ଲାରେ ନମୁନାଗୁଡ଼ିକର ପରିସଂଖ୍ୟାନ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସୁରକ୍ଷା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଉପଲବ୍ଧତା, ମାସ୍କ ଓ ଅନ୍ୟାନ୍ୟ ନିରାପତା ଉପକରଣ, ବିଭିନ୍ନ ରିଲିଫ ଶିବିରରେ ରହୁଥିବା ଲୋକମାନଙ୍କ ସମ୍ପର୍କରେ ମଧ୍ୟ ତର୍ଜମା କରିବେ । ଖୁବ ଶୀଘ୍ର କମିଟି ଅଂଚଳଗୁଡ଼ିକ ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ୮୦ଟି କେନ୍ଦ୍ରୀୟ ବିଦ୍ୟାଳୟ ସଂଗରୋଧ କେନ୍ଦ୍ରରେ ପରିଣତ

ନୂଆଦିଲ୍ଲୀ : କୋଭିଡ-୧୯ ମହାମାରୀର ମୁକାବିଲା କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ନେଇଛି । ଦେଶବ୍ୟାପୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶୋଧନ କରାଯିବା ପୂର୍ବକ ଅନ୍ୟାନ୍ୟ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏ ଦିଗରେ ମନ୍ତ୍ରଣାଳୟର ମୁଖ୍ୟ ସଂଗଠନ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ଅନେକ ପଦକ୍ଷେପ ନେଇଛନ୍ତି ।ଆସନ୍ନ ବିପତ୍ତିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେଣୀକକ୍ଷ ଗୁଡ଼ିକୁ ଅସ୍ଥାୟୀ ବାସଗୃହରେ ପରିଣତ କରାଯାଇଛି । ଦେଶର ବିଭିନ୍ନ ସ୍ଥାନରୁ ୮୦ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ସଂଗରୋଧ କେନ୍ଦ୍ରରେ ପରିଣତ କରାଯାଇଛି ।କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଶିକ୍ଷକ ଓ ଅଣ ଶିକ୍ଷକମାନେ ମିଶି ୧୦,୪୦,୬୦,୫୩୬ଟଙ୍କା ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି । ଏହି ଦାନର ପରିମାଣ ଗୋଟିଏ ଦିନର ବେତନଠାରୁ ଆରମ୍ଭ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ଦାୟିତ୍ୱବାନ ଶିକ୍ଷକ ପରାମର୍ଶଦାତାର ଭୂମିକା ତୁଲାଇ ଏଭଳି କୋଭିଡ-୧୯ ବିଶ୍ୱମାରୀ ସମୟରେ ଅନଲାଇନ ଜରିଆରେ ଶିକ୍ଷାଦାନ ପଦ୍ଧତିକୁ ଗ୍ରହଣ କରିଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସମସ୍ତ ଅଧକ୍ଷ ଓ ଶିକ୍ଷକମାନେ ଏ ସମୟରେ ଅନଲାଇନ ଜରିଆରେ ଶିକ୍ଷାଦାନକୁ ଅବ୍ୟାହତ ରଖିଛନ୍ତି । ଏଥିପାଇଁ ଆବଶ୍ୟକ ପ୍ରୋଟୋକଲ ମଧ୍ୟ ପ୍ରସ୍ତୁତ ହୋଇଛି ।କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶ୍ରେଣୀ ନିମନ୍ତେ ସ୍ୱୟଂପ୍ରଭା ପୋର୍ଟାଲରୁ ପାଠପା ଗତ ୭ ତାରିଖଠାରୁ ଆରମ୍ଭ ହୋଇଛି ଯ ବିଦ୍ୟାଳୟଗୁଡ଼ିକ ପକ୍ଷରୁ ଶିକ୍ଷକ, ଛାତ୍ରଛାତ୍ରୀ ଓ ସେମାନଙ୍କ ମାତାପିତାଙ୍କୁ ଏ ସଂକ୍ରାନ୍ତରେ ଖବର ଦିଆଯାଇଛି । ଶିକ୍ଷକମାନଙ୍କୁ ବିଦ୍ୟାର୍ଥୀମାନଙ୍କ ସହ ଇ-ମେଲ, ହ୍ୱାଟସଅପ ଓ ଏସଏମଏସ ଜରିଆରେ ସମ୍ପର୍କରେ ରହିବା ପାଇଁ କୁହାଯାଇଛି ।କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସ୍ୱୟଂପ୍ରଭା ପୋର୍ଟାଲ ଜରିଆରେ ଛାତ୍ରଛାତ୍ରୀଙ୍କର ସନ୍ଦେହ ଦୂର କରିବା ପାଇଁ କେତେକ ଶିକ୍ଷକଙ୍କୁ ମନୋନିତ କରିଛି । ଏହି ମନୋନିତ ଶିକ୍ଷକମାନେ ଏଥିପାଇଁ ନୋଟ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂର କରିବା ପାଇଁ ଚେଷ୍ଟା କରୁଛନ୍ତି ।କୋଭିଡ-୧୯ ବିଶ୍ୱମାରୀ ଯୋଗୁ ବିଦ୍ୟାଳୟଗୁଡ଼ିକ ହଠାତ ବନ୍ଦ ହୋଇଯିବାରୁ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ପାଠ ପାଇବାକୁ ପାଇଁ ଅନଲାଇନ ସାହାଯ୍ୟ ନେବା ସହ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଯେପରି ଅତୁଟ ରହିବ ଏହା ମଧ୍ୟ ଦେଖୁଛନ୍ତି । ସେ ଦୃଷ୍ଟିରୁ ଦେଶବ୍ୟାପୀ ସମସ୍ତ ବିଦ୍ୟାଳୟଗୁଡ଼ିକୁ ଏ ଦିଗରେ ପରାମର୍ଶ ଦିଆଯାଇଛି ।

ସମସ୍ତ ବିଦ୍ୟାଳୟ ଏହି ନିର୍ଦ୍ଦେଶଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ଏକ ସାପ୍ତାହିକ ଖସଡ଼ା ପ୍ରସ୍ତୁତ କରିଛନ୍ତି ।

# ହିରୋ ମୋଟୋକର୍ପ ପକ୍ଷରୁ କୋଭିଡ୍-୧୯ ପାଇଁ ରିଲିଫ୍ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ : ବିଶ୍ୱର ବୃହତ୍ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ସମ୍ପ୍ରତି ଦେଶରେ ଦେଖାଦେଇଥିବା କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ରିଲିଫ୍ କାର୍ଯ୍ୟକ୍ରମ ଜାରି ରହିଛି । ଏହା ଅନ୍ତର୍ଗତ ୫,୦୦୦ଲିଟରରୁ ଅଧିକ ପରିମାଣର ସାନିଟାଇଜର ପ୍ରସ୍ତୁତ କରାଯାଇ ସମାଜର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ବଂଟନ କରାଯାଇଛି । ସେହିପରି ୪ ଲକ୍ଷ ମାସ୍କ ବଂଟନ କରାଯାଇଥିବାବେଳେ ୩ ଲକ୍ଷ ଲୋକଙ୍କୁ ଭୋଜନ ବିତରଣ କରାଯାଇଛି ।କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ



୨୦୨୦ ମାର୍ଚ୍ଚ ୨୨ଠାରୁ କମ୍ପାନୀରେ ଉତ୍ପାଦନ ବନ୍ଦ କରାଯାଇଛି । ଗତ ୩ ସପ୍ତାହ ଧରି ହିରୋ ମୋଟୋକର୍ପର ସିଏସ୍‌ଆର୍ ଟିମ୍‌ର କେତେକ କର୍ମଚାରୀ ଭାରତୀୟ ମେଡିକାଲ ରିସର୍ଚ୍ଚ ପରିଷଦ (ଆଇସିଏମ୍‌ଆର୍) ର ମାର୍ଗ ଦର୍ଶିକା ଅନୁସାରେ ସାନିଟାଇଜର ପ୍ରସ୍ତୁତି ଏବଂ ବିତରଣ କାର୍ଯ୍ୟ କରୁଛନ୍ତି । ଏହା ସହିତ କମ୍ପାନୀ ପକ୍ଷରୁ ୬୦ଟି ଆମ୍ବୁଲାନ୍ସ ସହାୟତା କାର୍ଯ୍ୟରେ ନିୟୋଜିତ ହୋଇଛି । କମ୍ପାନୀ ପକ୍ଷରୁ ୨୦୦୦ ମୋଟରସାଇକେଲ ଦେଶବ୍ୟାପୀ ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ରିଲିଫ୍ ସହାୟତା ଲାଗି ଯୋଗାଇ ଦିଆଯାଇଛି । ପ୍ରତିଦିନ କମ୍ପାନୀ ପକ୍ଷରୁ ୧୫,୦୦୦ ଭୋଜନ ପ୍ରସ୍ତୁତ କରାଯାଇ ଦିଲ୍ଲୀ-ଏନ୍‌ସିଆର୍, ରାଜସ୍ଥାନ, ହରିୟାଣା, ଉତରାଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ଗୁଜରାଟରେ ଦିନ ମଜୁରିଆ, ଶ୍ରମିକ, ଘର ନ ଥିବା ନିରାଶ୍ରୟଙ୍କୁ ବିତରଣ କରାଯାଉଛି । କମ୍ପାନୀ ପକ୍ଷରୁ ୬,୦୦୦ ରାଶନ କିଟ୍ ରାଜସ୍ଥାନ, ଦିଲ୍ଲୀ, ମହାରାଷ୍ଟ୍ର ଏବଂ କେରଳରେ ବଂଟନ କରାଯାଇଛି । କମ୍ପାନୀ ପକ୍ଷରୁ ୧୦୦କୋଟି ଟଙ୍କାର ରିଲିଫ୍ କୋଭିଡ୍-୧୯ ପାଇଁ ଦାନ କରାଯାଇଛି । ସେଥିମଧ୍ୟରୁ ୫୦ କୋଟି ଟଙ୍କା ପିଏମ୍ କେୟାରର୍ସକୁ ଦାନ ହୋଇଛି ଏବଂ ଅବଶିଷ୍ଟ ୫୦ କୋଟି ଟଙ୍କା ରିଲିଫ୍ କାର୍ଯ୍ୟରେ ବିନିଯୋଗ କରାଯାଇଛି ।

# ଭାରତୀୟ ରେଳବାଇର ମାଗଣା ଖାଦ୍ୟ ପୁଡ଼ିଆ ବଣ୍ଟନ ୨ ନିୟୁତ ଟପିଲା

ନୂଆଦିଲ୍ଲୀ(ପିଏନ) : କୋଭିଡ-୧୯ ସଂକ୍ରମଣ ବେଳେ ଦେଶବ୍ୟାପୀ ଜାରି ଲକଡାଉନ ସମୟରେ ଭାରତୀୟ ରେଳବାଇ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ବଂଟନର ବ୍ୟବସ୍ଥା କରାଯାଇଛି । ଆଜି ସୁଦ୍ଧା ୨୦.୫ ଲକ୍ଷ ଲୋକଙ୍କୁ ଏଭଳି ରନ୍ଧାଖାଦ୍ୟ ପୁଡ଼ିଆ ବଂଟନ କରାଯାଇଛି ବୋଲି ରେଳବାଇ ପକ୍ଷରୁ ସୂଚୀତ କରାଯାଇଛି ।ବୈଶ୍ୱିକ ମହାମାରୀ କରୋନା ଭାରତ ସମେତ ସମଗ୍ର ବିଶ୍ୱରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି ଏବଂ ବିପୁଳ ସଂଖ୍ୟକ ଦୁର୍ଗତ ଲୋକ ଭୋକଉପାସ ମଧ୍ୟକୁ ଠେଲି ହୋଇଯାଇଛନ୍ତି । ଏଭଳି ମହାମାରୀ ତଥା ଲକଡାଉନ ଦ୍ୱାରା ଯେଉଁମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ସେମାନେ ହେଲେ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଲକ୍ଷ ଲକ୍ଷ ଲୋକ । ସେମାନଙ୍କ ମଧ୍ୟରେ ଦିନ ମଜୁରିଆ, ଦେଶାନ୍ତରୀ ଶ୍ରମିକ, ଶିଶୁ, କୁଲି, ବାସହୀନ, ଗରିବ ତଥା ସେହିଭଳି ଆହୁରି ଅନେକ ଉଦବାସ୍ତୁ ଜନତା । ଭାରତୀୟ ରେଳବାଇର ବିଭିନ୍ନ ସଂସ୍ଥାର କର୍ମଚାରୀମାନେ ମାର୍ଚ୍ଚ ୨୮, ୨୦୨୦ ତାରିଖ ଠାରୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଏଭଳି କୋଭିଡ-୧୯ ସଂକ୍ରମଣ ଓ ଲକଡାଉନ ଫଳରେ ଦୁର୍ଗତ ଅବସ୍ଥାରେ ଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଆସୁଛନ୍ତି ଯ କାଗଜ ପ୍ଲେଟରେ ରେଳବାଇ ପକ୍ଷରୁ ଏଭଳି ରନ୍ଧାଖାଦ୍ୟକୁ ସେହିସବୁ ଦୁର୍ଗତ ଲୋକମାନଙ୍କ ନିକଟରେ ପହଂଚାଯାଉଛି ।ଆଇଆରସିଟିସି ବେସ୍ ପାକଶାଳାରେ ଏଭଳି ଖାଦ୍ୟ ରନ୍ଧାଯାଉଛି । ଆରପିଏଫର ସମ୍ବଳ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଠାରୁ ମିଳିଥିବା ଅନୁଦାନ ଦ୍ୱାରା ଏଭଳି ବ୍ୟବସ୍ଥା କରାଯାଇଛି । ଦୁର୍ଗତ ଲୋକମାନଙ୍କୁ ଏଭଳି ରନ୍ଧାଖାଦ୍ୟ ଯୋଗାଣ ବେଳେ ସାମାଜିକ ଦୂରତା ରକ୍ଷା ତଥା ସ୍ୱାସ୍ଥ୍ୟରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି ।ଆରପିଏଫ, ଜିଆରପି, ଜୋନର ବିଭିନ୍ନ ବ୍ୟବସାୟିକ ବିଭାଗ, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଏନଜିଓମାନଙ୍କ ଦ୍ୱାରା ଏଭଳି ଖାଦ୍ୟ ପୁଡ଼ିଆ ବଂଟନ କରାଯାଉଛି । ରେଳବାଇର ବିଭିନ୍ନ ଜୋନ ଯଥା, ଉତ୍ତର, ପଶ୍ଚିମ, ପୂର୍ବ, ଦକ୍ଷିଣ, ଦକ୍ଷିଣ କେନ୍ଦ୍ରୀୟ ଜୋନର ଆଇଆରସିଟିସିର ନୂଆଦିଲ୍ଲୀ, ବେଙ୍ଗାଲୁରୁ, ହୁବଲି, ମୁମ୍ବାଇ ସେଣ୍ଟ୍ରାଲ୍, ଅହମ୍ମଦାବାଦ, ଭୁଶାବଲ, ହାଓଡ଼ା, ପାଟନା, ଗୟା, ରାଞ୍ଚି, କଟିହାର, ଦୀନ ଦୟାଲ ଉପାଧ୍ୟାୟ ନଗର, ବାଲେଶ୍ୱର, ବିଜୟୱାଡ଼ା ଖୋର୍ଦ୍ଧା, କଟପାଡ଼ି, ତ୍ରିଚିରାପଲ୍ଲୀ, ଧାନବାଦ, ଗୁଆହାଟୀ, ସମସ୍ତିପୁର, ପ୍ରୟାଗରାଜ, ଇଟାର୍ସି, ବିଶାଖାପାଟଣା, ଚେଙ୍ଗାଲପାଟୁ, ପୁନେ, ହାଜିପୁର, ରାୟପୁର ଓ ଟାଟାନଗର ବେସ୍ ପାକଶାଳାରେ ୨୦.୫ଲକ୍ଷ ରନ୍ଧା ଖାଦ୍ୟ ପୁଡ଼ିଆ ପ୍ରସ୍ତୁତ କରାଯାଇ ଅପ୍ରେଲ ୨୦, ୨୦୨୦ ସୁଦ୍ଧା ବଂଟାଯାଇଛି ।

ସେଥି ମଧ୍ୟରୁ ପ୍ରାୟ ୧୧.୬ ଲକ୍ଷ ରନ୍ଧାଖାଦ୍ୟ ପୁଡ଼ିଆ ଆଇଆରସିଟିସି ଦ୍ୱାରା ଯୋଗାଇ ଦିଆଯାଇଥିବା ବେଳେ ୩.୬ ଲକ୍ଷ ମିଲ୍ ଆରପିଏଫ୍ ଦ୍ୱାରା ସେମାନଙ୍କ ନିଜସ୍ୱ ସମ୍ବଳରୁ ଯୋଗାଇ ଦିଆଯାଇଛି । ସେହିଭଳି ୧.୫ ଲକ୍ଷ ମିଲ୍ ରେଳବାଇର କମର୍ସିଆଲ୍ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ୩.୮ ଲକ୍ଷ ମିଲ୍ ବିଭିନ୍ନ ରେଳବାଇ ସଂସ୍ଥା ସହ ଅନୁବନ୍ଧିତ ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ଠାରୁ ମିଳିଥିବା ଅନୁଦାନ ମାଧ୍ୟମରେ ଯୋଗାଇ ଦିଆଯାଇଛି । ଆଇଆରସିଟିସି, ଅନ୍ୟାନ୍ୟ ରେଳବାଇ ବିଭାଗ, ଏନଜିଓମାନଙ୍କ ନିଜସ୍ୱ ପାକଶାଳା ଦ୍ୱାରା ପ୍ରସ୍ତୁତ ରେଳବାଇ ସୁରକ୍ଷା ବଳ ଏଭଳି ଦୁର୍ଗତ ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ୨୮.୦୩.୨୦୨୦ ତାରିଖ ଦିନ ଦେଶର ୭୪ଟି ସ୍ଥାନରେ ୫୪୧୯ ଜଣ ଦୁର୍ଗତ ଲୋକଙ୍କୁ ଖାଦ୍ୟ ବଂଟନ କରାଯିବାର ବ୍ୟବସ୍ଥା କରାଯାଇଥିଲା । ଏହା ପରେ ପ୍ରତ୍ୟେକ ଦିନ ଏଭଳି ଖାଦ୍ୟ ପୁଡ଼ିଆ । ବଂଟନ ସଂଖ୍ୟା ବୃଦ୍ଧି ପାଇଥିଲା ।ବର୍ତମାନ ଆନୁମାନିକ ୫୦,୦୦୦ ଲୋକଙ୍କୁ ଆରପିଏଫ ଦ୍ୱାରା ଦେଶର ୩୦୦ଟି ସ୍ଥାନରେ ଦୈନିକ ଖାଦ୍ୟ ପୁଡ଼ିଆ ବଂଟନ କରାଯାଇଛି । ସର୍ବାଧିକ ସଂଖ୍ୟକ ଦୁର୍ଗତ ଲୋକଙ୍କୁ କିଭଳି ସାହାଯ୍ୟ ଯୋଗାଯାଇପାରିବ, ସେଥିପାଇଁ ଭାରତୀୟ ରେଳବାଇ ସଂଗଠନ ଦ୍ୱାରା ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ହଜାର ହଜାର ଦୁର୍ଗତ ଲୋକ ଏହା ଦ୍ୱାରା ଉପକୃତ ହୋଇପାରୁଛନ୍ତି ।



# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednessday, April 22,2020 ଭୁବନେଶ୍ୱର ବୁଧବାର ଅପ୍ରେଲ ୨୨,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭିଏଚ୍‌ପି ତରଫରୁ ରାଜଧାନୀରେ କରୋନା ଯୋଦ୍ଧା ସମ୍ମାନିତ



**ଭୁବନେଶ୍ୱର,(ପିଏନ) :** ଭୟଙ୍କର କରୋନା ଭାଇରସ ଆତଙ୍କରେ ସାଧାରଣ ଜନତା ଯେତେବେଳେ ଭୟଭିତ ସେହି ସମୟରେ ସାଧାରଣ ଜନତାଙ୍କ ସେବାରେ ନିଜ ନିଜର ଜୀବନକୁ ପାଣି ଛଡାଇ କର୍ତବ୍ୟ କରୁଛନ୍ତି କୋଭିଡ ଯୋଦ୍ଧା ସଫେଇ କର୍ମଚାରୀ ଭାଇ ଓ ଭଉଣୀମାନେ। କରୋନା ପାଇଁ ଲକ୍ ଡାଉନ ଥିବାରୁ ସମସ୍ତ ଦୋକାନ ବଜାର ବନ୍ଦ। କିନ୍ତୁ ଏହି ସମୟରେ ବନ୍ଦ ହୋଇ ନାହିଁ ସେମାନଙ୍କର ସ୍ୱଚ୍ଛତା କାର୍ଯ୍ୟକ୍ରମ। ଭୁବନେଶ୍ୱର ମହାନଗରର କୋଭିଡ ଯୋଦ୍ଧା ସଫେଇ କର୍ମଚାରୀ ଭାଇ ଓ ଭଉଣୀମାନେ ସକାଳୁ ସକାଳୁ କରୋନାକୁ ନଡରି ନିଜ ନିଜ କାମରେ ଲାଗି ଯାଉଛନ୍ତି । ଆଜି ବିଶ୍ୱହିନ୍ଦୁ ପରିଷଦ ଓ ଯୋଗ କେନ୍ଦ୍ରର ଭାଇ ଭଉଣୀମାନଙ୍କ ଦ୍ୱାରା ସରକାରୀ ନିୟମ କଟକଣାକୁ ପାଳନ କରି ୱାଡ ନମ୍ବର ୪୭,୪୮ ଓ ୪୯ ର ସେହି କୋଭିଡ ଯୋଦ୍ଧା ଭାଇ ଓ ଭଉଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କୋଭିଡ ଯୋଦ୍ଧା ସାମ୍ବାଦିକମାନଙ୍କୁ ମଧ୍ଯ ଏଠି ସମ୍ମାନିତ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଆନନ୍ଦ କୁମାର ପାଣ୍ଡେ,ପ୍ରତାପ ଷଡଙ୍ଗୀ, ଶରତ କୁମାର ସାହୁ, ବିଦ୍ୟୁଲତା ସ୍ୱାଇଁ, ଚିନ୍ମୟୀ ଜେନା,କୁମୁଦ ପଟ୍ଟନାୟକ, ଶରତ କୁମାର ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ମାର୍ଚ୍ଚ ୩୧ ତାରିଖ ଠାରୁ ପ୍ରତ୍ୟେକ ଦିନ ସକାଳ ସମୟରେ ୯୦ରୁ ଉର୍ଦ୍ଧ୍ୱ କୋଭିଡ ଯୋଦ୍ଧାଙ୍କୁ ଚାହା ଓ ବିସ୍କୁଟ ସାମାଜିକ ଦୂରତ୍ୱ ରଖି ବଂଟନ କରାଯାଉଥିଲା ।



ନୂଆଦିଲ୍ଲୀ : ଆଜାଦପୁର ମଣ୍ଡି ବୁଲି ଦେଖୁଛନ୍ତି କେନ୍ଦ୍ରମନ୍ତ୍ରୀ ଜି କିଷାନ ରେଡ୍ଡୀ

# ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପଠାଇବା ପାଇଁ ଦାବୀ: ଡକ୍ଟର ରାମଚନ୍ଦ୍ର ଖୁଂଟିଆ।

**ଭୁବନେଶ୍ୱର,(ପିଏନ):**ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ତରଫରୁ ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ବାଙ୍ଗାଲୋରରେ ଅସହାୟ ଶ୍ରମିକଙ୍କ ପାଖରେ ରାଜ୍ୟ ସରକାରଙ୍କର ସାହାଯ୍ୟ ପହଂଚିପାରୁନାହିଁ। ବିହାର ସରକାର, ବିହାରର ପ୍ରବାସି ଓଡ଼ିଆ ଶ୍ରମିକ ଯେଉଁମାନେ ଅନ୍ୟ ରାଜ୍ୟରେ ଅଛନ୍ତି ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୦୦୦/- ଟଙ୍କା ଆସୁଛି। ଏଣୁ ଓଡ଼ିଶାରୁ ଯାଇ ବାହାରେ କାର୍ଯ୍ୟ କରୁଥିବା ସମସ୍ତଙ୍କ ବ୍ୟାଙ୍କ ଆକାଂଉଟକୁ ସିଧାସଳଖ ୧୦୦୦/- ଟ୍ରାନ୍ସଫର କରିବା ଓ ଲକ ଡାଉନ ପରେ ଅନ୍ୟ ରାଜ୍ୟ ସରକାରଙ୍କ ପରି ସମସ୍ତ ପ୍ରବାସ ଶ୍ରମିକ ମାନଙ୍କୁ ଘରକୁ ଆଣିବା ପାଇଁ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଓ ଓଡ଼ିଶା ଶାଖାର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ସେହିପରି ଆନ୍ଧ୍ରସରକାର ସାଉଥ କୋରିଆରୁ ଟେଷ୍ଟ କରିବା ପାଇଁ ୧ ଲକ୍ଷ କିଟ୍ ଆଣିଥିବାବେଳେ ଓଡିଶା ରାଜ୍ୟ ସରକାର ମଧ୍ୟ ସର୍ବନିମ୍ନ ୨ଲକ୍ଷ କିଟ୍ ଆଣିବା ପାଇଁ ଡକ୍ଟର ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ସେହିପରି ନିର୍ମାଣ ଶ୍ରମିକଙ୍କ ପାଇଁ ଓଡ଼ିଶା ସରକାର ଘୋଷଣା କରିଥିବା ଟଙ୍କା, ଚାଉଳ ସମସ୍ତଙ୍କ ପାଖରେ ପହଂଚି ପାରୁନାହିଁ। କାହାରିକୁ ଚାକୀରୀରୁ ବାହାର ନ କରିବା ଓ ସମସ୍ତଙ୍କୁ ଲକ୍ ଡାଉନ୍ ପିରିୟଡ଼ରେ ପଇସା ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା। ଓଡ଼ିଶା ରାଜ୍ୟ ସରକାର କେତେକ ଲୋକଙ୍କୁ ଚାକିରୀରୁ ବହିଷ୍କୃତ କରୁଛନ୍ତି ଏବଂ ବହୁ କାରଖାନାରେ ଶ୍ରମିକମାନଙ୍କୁ ଫେବୃୟାରୀ ଓ ମାର୍ଚ୍ଚ ମାସର ଦରମା ଦେଉନାହାନ୍ତି। ଗୁଜୁରାଟରେ ପ୍ରବାସୀ ଶ୍ରମିକ ସମ୍ବନ୍ଧେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ବିବୃତି ଦେଉଥିଲାବେଳେ ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଭୟଙ୍କର। ରାଜ୍ୟ ସରକାର ସମାଧାନ କରିବା ପରିବର୍ତେ ଶ୍ରମିକମାନଙ୍କ ବିରୋଧରେ ପୋଲିସକୁ ଏଫ.ଆଇ.ଆର ଦେଇଛନ୍ତି। ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ ଶ୍ରମିକ ଗୁଜରାଟର ପୋରଥ ଠାରେ ଭୟ ଓ କଷ୍ଟରେ କାଳତିପାତ କରୁଛନ୍ତି। ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ କିଶୋର ଜେନା, ମଦନ ଧଳ, ସତ୍ୟବ୍ରତନାୟକ, ଘନ ସବର ଓ ଆନ୍ତର୍ଜାତିକ ନିର୍ମାଣ ମହାସଂଘର ସହଯୋଗରେ ନେପାଳର କାଠମାଣ୍ଡୁ, ହାଇଦ୍ରାବାଦ, ନିଜାମବାଦ, ମେହରୁମ୍ ନଗର, ବାଙ୍ଗାଲୁରୁ, କେରଳ, କର୍ଲୁ, ପଶ୍ଚିମବଙ୍ଗଳା, ତାମିଲନାଡୁର କୋଇନ୍ସ, ମହାରାଷ୍ଟ୍ରର ପୁନେ, ଗୁଜୁରାଟର ସୁରତ ଓ ଦିଲ୍ଲୀରେ ହଜର ହଜାର ଶ୍ରମିକଙ୍କୁ ଆନ୍ତର୍ଜାତିକ କର୍ମଚାରୀ ମହାସଂଘ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓ କଂଗ୍ରେସ ଦଳର ସ୍ଥାନୀୟ ପ୍ରଦେଶ ଶାଖା କମିଟି ଜରିଆରେ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ପାଖରେ ଖାଦ୍ୟ ଓ ସାହାଯ୍ୟ ପହଂଚାଯାଇ ପାରୁଛି।ସାରା ଭାରତ ବର୍ଷରେ ଓ ବାହାରେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କର ଅସୁବିଧା ହେଲେ ସେମାନେ ମୋବାଇଲ ନଂ-୦୯୮୬୮୧୦୩୧୯୯୯କୁ ବିଶେଷ ବିବରଣୀ ସହ ଜଣାଇବା ପାଇଁ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଜଣାଇଛନ୍ତି।

# ରୋନା ଲଢ଼େଇରେ ଅସଲ ଯୋଦ୍ଧା ନଛି

**ବାରିପଦା, (ପିଏନ)-** ବାରିପଦା ପୌରପରିଷଦର ଉପନଗରପାଳ ଦାୟିତ୍ୱ ଭାର ସମ୍ଭାଳିଥିବା ବେଳେ ପୌରପରିଷଦର ପରିମଳ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଆଣିବା ପରେ ବର୍ତମାନ ବିଶ୍ୱ ମହାମାରୀ କୋଭିଡ୍-୧୯ର ମୁକାବିଲା କରିବାକୁ ଅଂଟା ଭିଡ଼ି ଆଗେଇ ଆସିଛନ୍ତି ବିଜୁ ଯୁବ ଜନତା ଦଳର ଜଣେ ଯୁବ ଯୁଦ୍ଧା। କେହି କେହି ତାଙ୍କୁ କରୋନା ଲଢ଼େଇରେ ଅସଲ ଯୋଦ୍ଧା ବୋଲି କହିବା ଆରମ୍ଭ କରିଛନ୍ତି। ଯୁବ ସମାଜ ତାଙ୍କୁ ନଛି ଭାଇ ଓ ବୟସ୍କମାନେ ନଛି ବୋଲି ସମ୍ବୋଧନ କରୁଥିବା ବେଳେ ଅନ୍ୟ କେତେକଙ୍କ ନିକଟରେ ଜିତେନ୍ଦ୍ର ନାମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇ ପାରିଛନ୍ତି। ପୌରପରିଷଦର ୨୮ଟି ୱାର୍ଡ଼ର ସମସ୍ତ ଅଂଚଳଗୁଡ଼ିକରେ ଘୁରି ବୁଲି ପିଲାରୁ ବୟସ୍କ, ଭିନ୍ନକ୍ଷମ, ଅସହାର, ଭିକ୍ଷୁକ, ଫୁଟପାଥରେ ଆଶ୍ରୟ ନେଇଥିବା ନିସ୍ୱ , ଗରୀବ, ଦିନ ମଜୁରୀଆ, ଦେହ ମେହନତି ମଣିଷମାନଙ୍କ ନିକଟରେ ପହଁଚି କେତେ ବେଳେ ମାସ୍କ ବିତରଣ କରିବା ସହିତ ବ୍ୟବହାରର ଉପକାରୀତା ଓ ପରସ୍ପର ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ନିମନ୍ତେ ସଚେତନତାର ବାର୍ତା ବାଂଟୁଛନ୍ତି, ପୁଣି କେତେବେଳେ ସାନିଟାଇଜର, ସାବୁନ, ରେଶନ, ଶୁଖିଲା ଖାଦ୍ୟ, ନୂତନ ବସ୍ତ୍ର ଆଦି ବାଂଟିବା ସହିତ ବାରମ୍ବାର ହାତକୁ ସର୍ବ ନିମ୍ନ ୧୬ ସେକେଣ୍ଡ ପର୍ଯ୍ୟନ୍ତ ସଫା କରିବା ଏବଂ ହାତ ସଫା କରିବାର ତରିକା ଆଦି ଶିଖାଇବାରେ ଲାଗିଛନ୍ତି । କେବଳ ଏତିକି ନୁହେଁ କେଉଁଠି କିଏ ଭୋକିଲା ରହିଛି, ପୁଣି ସହରକୁ ବାହାରୁ ରାଜ୍ୟରୁ ଆସି ଅସୁବିଧାରେ ସମ୍ମୁଖୀନ ହୋଇଥିବା ଶ୍ରମିକ ଆଦିଙ୍କ ସମ୍ପର୍କରେ ସୂଚନା ପାଇବା ମାତ୍ରେକେ ସହାୟତା କରିବାକୁ ପାଖରେ ପହଁଚି ଯାଉଛନ୍ତି । ପୁଣି ଜିଲ୍ଲା ରେଡ଼କ୍ରସ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପଡ଼ିଲେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜନ ଓ କୌଣସି ରୋଗୀର ରକ୍ତ ଆବଶ୍ୟକ ପଡ଼ିଲେ ଏହିପରି ବିଭିନ୍ନ କଥାରେ ନଛିକୁ ଡ଼କରା ଆସିଥାଏ । ଏହା ବ୍ୟତୀତ ଲକ୍ ଡ଼ାଉନ ସମୟରେ ପକ୍ଷୀମାନଙ୍କୁ ଦାନା ଦେବା, ଭୋକିଲା ବୁଲା ଗୋରୁ ଓ କୁକୁର ମାନଙ୍କୁ ଖାଇବାକୁ ଦେବା ଆଦି କାର୍ଯ୍ୟରେ ଲାଗିପଡ଼ିଥିବାର ଦେଖିବାକୁ ମିଳିଥାଏ। ଏଥି ସହିତ ସହରରେ କେଉଁଠି ରୋଗୀଙ୍କୁ ହସପିଟାଲରେ ପହଁଚାଇବାଠାରୁ ଆରମ୍ଭ କରି ଜମା ହୋଇଥିବା ଆଳିଆ ଆବର୍ଜନା ସ୍ଥାନାନ୍ତରିତ କରାଇବା, ବୁଲା କୁକୁର, ଷଣ୍ଢ ଓ ବିଲେଇ ଏପରିକି ମୂଷା ଆଦି ମରିପଡ଼ିଥିଲେ ଉଠାଇବା ନିମନ୍ତେ ଡାକ ପଡୁଛି ନଛି ଭାଇଙ୍କୁ। ପୁଣି କେଉଁଠି ଅଳିଆ ଆବର୍ଜନାକୁ ପୌରପରିଷଦର ସଫେଇ କର୍ମଚାରୀମାନଙ୍କ ସହିତ ମିଶି ହଟାଇବାରେ ଲାଗି ପଡୁଥିବାର ଦେଖିବାକୁ ମିଳୁଛି । ଦିନ ହେଉ ଅଥବା ରାତି ଜନସାଧାରଣଙ୍କ ସେବାରେ ସଦାସର୍ବଦା ନିଜକୁ ସମର୍ପିତ କରାଇ ଦେଇଛନ୍ତି । ଜିଲ୍ଲାରେ ଲକ୍ ଡ଼ାଉନ ଜାରି ରହିଥିବା ବେଳେ ନଛି ଓରଫ ଜିତେନ୍ଦ୍ର ସହରରୁ ଆରମ୍ଭ କରି ବସ୍ତି ଓ ତଳିଆ ଅଂଚଳରେ ବସବାସ କରୁଥିବା ଜନସାଧାରଣଙ୍କ ନିକଟରେ ପହଁଚି ପୌରବାସୀଙ୍କ ମଧ୍ୟରେ କୋଭିଡ୍-୧୯ର ମୁକାବିଲା ନିମନ୍ତେ ସଚେତନତାର ବାର୍ତା ବାଂଟିବା ସଙ୍ଗେ ସଂଙ୍ଗେ ବିଭିନ୍ନ ପ୍ରକାରର ସହାୟତା ପ୍ରଦାନ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । କିଏ ଭାବ ବିହ୍ୱଳ ହୋଇ ମୁଣ୍ଡରେ ହାତ ଦେଇ ସୁଖରେ ଥା ବୋଲି ଆର୍ଶୀବାଦ ଦେଲାଣି ପୁଣି କିଏ ଖୁସିରେ କାନ୍ଦି କୁଣ୍ଢେଇ ନେଲାଣି । ଏଥିରୁ ଆତ୍ମସନ୍ତୋଷ ଲାଭ କରୁଥାନ୍ତି। ତେବେ ତାଙ୍କର ଏହି ସେବା ମନୋବୃତିକୁ ସମାଜର ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ସମାଲୋଚକମାନଙ୍କ ମହଲରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି।

# ଡାଲମିଆ ଓସିଏଲ୍ ଓଡ଼ିଶାରେ ପୁନର୍ବାର ଉତ୍ପାଦନ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ହାସଲ କରିଛି

**ଭୁବନେଶ୍ୱର:** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ରିଫ୍ରାକ୍ଟରି କଂପାନି ତଥା ଡାଲମିଆ ଭାରତ ଗ୍ରୁପ୍‌ର ଏକ ଅଂଶ ଡାଲମିଆ ଓସିଏଲ୍ ଏହାର ସୁନ୍ଦରଗଡ଼ର ରାଜଗାଙ୍ଗପୁରରେ ଥିବା କାରଖାନାକୁ ପୁଣି ଥରେ ଚାଲୁ କରିବା ଲାଗି ଓଡ଼ିଶା ସରକାରଙ୍କ ଠାରୁ ଅନୁମୋଦନ ହାସଲ କରିଛି । କାରଖାନା ପୁନର୍ବାର ଚାଲୁ ହେବା ପ୍ରକ୍ରିୟାରେ ରହିଥିବା ବେଳେ ସାମାଜିକ ଦୂରତ୍ୱ, ପରିମଳ, ଖାଦ୍ୟର ଉପଲବ୍ଧତାର, କାରଖାନା / ବ୍ୟବସ୍ଥା ପରିସରରେ ଉପଯୁକ୍ତ ପରିମାଣର ମାସ୍କ ଓ ସାନିଟାଇଜର୍ ଉପଲବ୍ଧତା ଭଳି ସ୍ୱାସ୍ଥ୍ୟ ପଦକ୍ଷେପକୁ ନେଇ ରହିଥିବା ନିୟମଗୁଡ଼ିକୁ ମଧ୍ୟ କଠୋର ଭାବେ ପାଳନ କରୁଛି ।ସାମାଜିକ ଦୂରତ୍ୱ ଓ ପରିମଳକୁ ନେଇ ସରକାରଙ୍କ ରହିଥିବା ନିୟମକୁ କଠୋର ଭାବେ ପାଳନ କରିବାକୁ ନିଶ୍ଚିତ କରାଯାଉଥିବା ବେଳେ ଏହି ରିଫ୍ରାକ୍ଟରି ତିନିଟି ସିଫ୍‌ଟରେ ୯୦୦ କର୍ମଚାରୀଙ୍କୁ ନେଇ ଚାଲିବ। ୧୦୬ କେଏମ୍‌ଟି କ୍ଷମତା ଥିବା ଏହି କାରଖାନାରେ ସାଧାରଣ ଦିନଗୁଡ଼ିକରେ ପ୍ରାୟ ୨୭୦୦ ଲୋକ ନିୟୋଜିତ ହେଉଥିଲେ। କାର୍ଯ୍ୟାଳୟ, କର୍ମସ୍ଥଳୀ, କାରଖାନା ଏବଂ ସଂସ୍ଥାରେ ସାମାଜିକ ଦୂରତ୍ୱ ବଜାୟ ରଖିବାର ସାଧାରଣ ପରିଚାଳନା ଶୈଳୀ ଅନୁସାରେ ରିଫ୍ରାକ୍ଟରି ପରିଚାଳିତ ହେବ। କାରଖାନା ଭିତରେ ଓ ବାହାରେ ମାସ୍କ ପରିଧାନ କରିବା, ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜର୍‌ର ଉପଯୁକ୍ତ ବ୍ୟବସ୍ଥା କରିବା, କମନ ରୁମ୍‌କୁ ନିୟମିତ ସଫା କରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସିଫ୍‌ଟ ଭିତରେ ଏକ ଘଂଟାର ବ୍ୟବଧାନ ରଖିବା ଏବଂ ଭିଡ଼କୁ ନିଷିଦ୍ଧ କରିବା ଆଦିକୁ ନେଇ ସରକାର ଜାରି କରିଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରାଯାଉଛି ।କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ କର୍ମଚାରୀଙ୍କ ନିମନ୍ତେ କଂପାନି ତରଫରୁ ମେଡିକାଲ୍ ବୀମା କରାଯିବ। ପୁନଶ୍ଚ, ବାହାରୁ ଆସିଥିବା ଶ୍ରମିକ ମାମଲାରେ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ନିର୍ଭରଶୀଳ ନରହି ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା କରାଯିବ। ଏହି ଗାଡ଼ିଗୁଡ଼ିକ କ୍ଷମତାର ୩୦-୪୦%ରେ ପରିଚାଳିତ ହେବା ପାଇଁ ଅନୁମତି ଦିଆଯିବ। କୋଭିଡ୍-୧୯ ବିରୋଧ ଲଢ଼େଇ ପାଇଁ ଜାତୀୟ ସ୍ତରରେ ଲକଡାଉନ୍ ଘୋଷଣା କରାଯିବା ପରେ କାରଖାନା ବନ୍ଦ ରହିଥିଲା। ଏହି ସମୟ ଭିତରେ ଡାଲମିଆ କାରଖାନା ତରଫରୁ ଚୁକ୍ତି ଭିତିକ କର୍ମଚାରୀଙ୍କ ପାଇଁ ମାସରେ ଦୁଇ ଥର ଦରମା ଜାରି କରିବା, ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଯୋଗାଣ ସହିତ କର୍ମଚାରୀମାନଙ୍କ ଦାୟିତ୍ୱ ନିଆଯାଉଥିବା ବେଳେ କାରଖାନା ଚାଲୁ ହେବା ପରେ ଦିନ ମଜୁରିଆମାନଙ୍କୁ ବହୁ ଆବଶ୍ୟକ ଆଶ୍ୱସ୍ତି ଓ ଆର୍ଥିକ ସହାୟତା ମିଳିପାରିବ। ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଂପାନି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ରହିବ।

# କାନାଡାର ନୋଭା ସ୍କୋଟିଆରେ ଗୁଳିମାଡ, ୧୬ ମୃତ

**ଓଟାଓ୍ୱା :**କାନାଡାର ନୋଭା ସ୍କୋଟିଆ ପ୍ରାନ୍ତର ଏକ ଗାଁରେ ରବିବାର ଗୁଳିମାଡରେ ୧୬ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଗୁଳିମାଡ ଘଟଣାରେ ସନ୍ଦିଗ୍ଧ ବନ୍ଧୁକଧାରୀ ବି ପୋଲିସ ଗୁଳିରେ ପ୍ରାଣ ହରାଇଛି। କାନାଡାର ଇତିହାସରେ ଏହା ସବୁଠୁ ବଡ ହତ୍ୟା ଘଟଣା କୁହାଯାଉଛି। ଏହି ଘଟଣାରେ ରୟାଲ କନେଡିୟନ ପୋଲିସର ଏକ ସିପାହୀ ହାଇଡି ଷ୍ଟିଭନସନଙ୍କ ମୃତ୍ୟୁ ଘଟିଛି। ବନ୍ଧୁକଧାରୀ ଜଣେ ଦନ୍ତ ଚିକିତ୍ସକ ହୋଇଥିବା କୁହାଯାଉଛି। ଏହି ଘଟଣା ପଛର ପ୍ରକୃତ କାରଣ ବିଷୟରେ ତଦନ୍ତ ଜାରି ରହିଛି ।କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏହି ଗୁଳିମାଡ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। କାନାଡାର ଆମର୍ସ ଆକ୍ଟ ଆଧାରରେ ବନ୍ଧୁକଧାରୀଙ୍କୁ ପ୍ରଶାସନଠୁ ଲାଇସେନ୍ସ ନେବା ବାଧ୍ୟତାମୂଳକ। ପୋଲିସ ଅନୁଯାୟୀ କାନାଡାରେ ଆମର୍ସ ଆକ୍ଟ ଅଧୀନରେ ୨୨ ଲକ୍ଷ ଲାଇସେନ୍ସ ପ୍ରଦାନ କରାଯାଇଛି। କାନାଡାର ବଡ ସହରରେ ଲୋକ ବନ୍ଧୁକ ଲାଇସେନ୍ସ ପକ୍ଷରେ ଥିବା ବେଳେ ଗ୍ରାମାଂଚଳର ଲୋକ ବନ୍ଧୁକ ଲାଇସେନ୍ସକୁ ବିରୋଧ କରୁଛନ୍ତି।

# ବାଲେଶ୍ୱରରେ କୋଭିଡ-୧୯ ସ୍ଥିତି ସମ୍ପର୍କରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା

**ବାଲେଶ୍ୱର(ପିଏନ)-** ବାଲେଶ୍ୱର ଜିଲ୍ଲାରେ କୋଭିଡ-୧୯ର ସ୍ଥିତି ଏବଂ କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଛନ୍ତି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଶ୍ରୀ ଅନୀଲ କୁମାର ସାମଲ । ସୋମବାର ଦିନ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ବି. ଯୁଗଳ କିଶୋର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଫକୀରମୋହନ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ରାମଚନ୍ଦ୍ର ଗିରି ପ୍ରମୁଖଙ୍କ ସହ ସେ କୋଭିଡ-୧୯ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଅନ୍ୟ ରାଜ୍ୟ ବିଶେଷ କରି ପଶ୍ଚିମବଙ୍ଗରୁ ଆସୁଥିବା ଲୋକଙ୍କର ପଂଚାୟତୱାରୀ ତାଲିକା ପ୍ରସ୍ତୁତ କରିବା ସହିତ ସେମାନଙ୍କ ସଂପର୍କରେ ସବିଶେଷ ତଥ୍ୟ ଯେପରିକି ସେମାନେ ଜିଲ୍ଲାକୁ କେବେ ଆସିଲେ, କେଉଁଠାରୁ ଆସିଲେ, ସେମାନଙ୍କ ଫୋନ ନମ୍ବର ଇତ୍ୟାଦି ସଂଗ୍ରହ କରି ତାହାର ଯାଂଚ କରିବାକୁ ସେ କହିଛନ୍ତି । ତେବେ ଗତ ୧୪ ଦିନ ମଧ୍ୟରେ ପଡୋଶୀ ରାଜ୍ୟରୁ ଜିଲ୍ଲାକୁ ଆସିଥିବା ଲୋକମାନଙ୍କୁ ବିଭିନ୍ନ ପଂଚାୟତରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାଧ୍ୟତାମୂଳକ ଭାବେ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସେମାନଙ୍କ ଠାରୁ ନମୁନା(ସାମ୍ପଲ) ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ କୁହାଯାଇଛି । ଏହି କ୍ରମରେ ଆଜି ବସ୍ତା ବ୍ଲକର ପ୍ରାୟ ୨୫ଟି ନମୁନା ପରୀକ୍ଷା ପାଇଁ ପଠାଯାଇଛି । ଆଜି ଚିହ୍ନଟ ହୋଇଥିବା ୫ଜଣ ପଜିଟିଭଙ୍କୁ ଚିକିତ୍ସା ପାଇଁ କଟକ ସ୍ଥିତ ଅଶ୍ୱିନୀ ହସପିଟାଲକୁ ପଠାଇଦିଆଯାଇଛି । ଆଜି ସକାଳେ ଆରଡିସି ଶ୍ରୀ ସାମଲ ବାଲେଶ୍ୱର ସହରର ସଂକ୍ରମଣ ପ୍ରତିରୋଧ ଇଲାକା(କଂଟେନମେଂଟ ଜୋନ)କୁ ପରିଦର୍ଶନ କରିଛନ୍ତି । ସେମାନଙ୍କର କଂଟାକ୍ଟ ଟ୍ରେସିଂ ସରିଯାଇଥିବା ବେଳେ ପ୍ରାୟ ୩୦ଜଣଙ୍କର ନମୁନା ତୁରନ୍ତ ପରୀକ୍ଷା ପାଇଁ ପଠାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସେଠାରେ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ଏବଂ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସନ୍ତୋଷ ପ୍ରକାଶ କରିଥିଲେ । ନୀଳଗିରି ବ୍ଲକ ଧରମପୁର ପଂଚାୟତର ରିଗିଡି ଗ୍ରାମରେ ଅଢେଇ ବର୍ଷର ଝିଅ ପଜିଟିଭ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଂଚଳକୁ କଂଟେନମେଂଟ ଜୋନ ଭାବେ ଘୋଷଣା କରାଯିବା ସହିତ ଆକ୍ଟିଭ ସର୍ଭେଲାନ୍ସ କରାଯାଇଛି । ଘରକୁ ଘର ବୁଲି ସର୍ଭେ କରାଯିବା ସହିତ ସେଠାରୁ ନମୁନା ସଂଗ୍ରହ କରାଯାଇଛି । ସେହି ଅଂଚଳରେ ଯେପରି ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ପନିପରିବା ପହଂଚିପାରିବ ତାହାର ବ୍ୟବସ୍ଥା କରିବାକୁ ଆରଡିସି ଶ୍ରୀ ସାମଲ ଅଧିକାରୀମାନଙ୍କୁ କହିଛନ୍ତି । ଆଜି ବାଲେଶ୍ୱରକୁ ଆସିଥିବା ଡିଜିପି ଶ୍ରୀ ଅଭୟଙ୍କ ସହ ଆରଡିସି ଶ୍ରୀ ସାମଲ ସାକ୍ଷାତ କରିବା ସହିତ ପଶ୍ଚିମବଙ୍ଗ ସୀମାକୁ ସିଲ କରିବା ଏବଂ ଅନୁପ୍ରବେଶ ରୋକିବା ସଂପର୍କରେ ଆଲୋଚନା କରିଛନ୍ତି । ଡିଜିପି ଏଥିପ୍ରତି ଦୃଷ୍ଟି ଦେବା ସହିତ କଡା ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ଜଣାଇଛନ୍ତି । କରୋନା ସଂକ୍ରମଣର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପର ସେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିବା ବେଳେ ଏଥି ଲାଗି ସବୁ ସ୍ତରରେ ଉଦ୍ୟମ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray